ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଭୂସ୍ଖଳନରେ...

ବୋଲି ସେ ଉଲ୍ଲେଖ କରିଛନ୍ତି । ମଙ୍ଗଳବାର ୱାୟନାଡରେ ତିନୋଟି ଭୂସ୍ଖଳନ ଯୋଗୁ ମୁଣ୍ଡାକାଇ, ଚୁରାମାଲା, ଆଟମାଲା ଓ ନୁଲ୍‌ପୁଜା ଗ୍ରାମରେ ଭୂସ୍ଖଳନ ହୋଇଥିଲା । ସେନାକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ସର୍ବଦଳୀୟ ବୈଠକ ଡାକିଛନ୍ତି । ଏପିଜେ ଅବ୍‌ଦୁଲ୍ କଲାମ୍ ମେମୋରିଆଲ ହଲ୍‌ରେ ଏହି ବୈଠକ ବସିଥିଲା । ବୈଠକରେ ଉଦ୍ଧାର କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବାଲି ବ୍ରିଜ୍ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୁଣ୍ଡାକାଇ ଠାରେ ସେନା ପକ୍ଷରୁ ଦ୍ରୁତ ଗତିରେ ବାଲି ବ୍ରିଜ୍ ନିର୍ମାଣ ଚାଲିଛି । ୪୫ଟି ରିଲିଫ କ୍ୟାମ୍ପ ୱାୟନାଡରେ ଚାଲୁଛି ।

ବିଜେପିରେ...

ଇସ୍ତଫା ଦେବାର ୨୪ ଘଣ୍ଟା ନପୁରୁଣୁ ସେ ବିଜେପିରେ ଯୋଗ ଦେଇଛନ୍ତି । ବିଜେପି ମୁଖ୍ୟାଳୟରେ ଦଳର ସାଧାରଣ ସମ୍ପାଦକ ଅରୁଣ ସିଂ, ପ୍ରଭାରୀ ବିଜୟ ପାଲ୍‌ସିଂ ତୋମାର ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଜେପିର ସଭ୍ୟପଦ ଦେଇଥିଲେ । ବିଜେପିରେ ଯୋଗ ଦେବାପରେ ମମତା କହିଛନ୍ତି ଯେ ଲୋକମାନେ ମୋର ସମ୍ପତ୍ତି, ଲୋକଙ୍କ ସେବା ହିଁ ମୋର ଏକମାତ୍ର ଲକ୍ଷ୍ୟ । ବିଜେଡିରେ ତାଙ୍କୁ ଅଣଦେଖା କରାଗଲା । ସେବା ସୁଯୋଗ ମିଳିଲାନି । ବିଜେଡିରେ ମୋର ଆଉ ଲୋଡା ନାହିଁ ବୋଲି ଅନୁଭବ କଲି। ଲୋକଙ୍କ ସେବା କୁଡୁମୀ ସମାଜର ଉନ୍ନତି ପାଇଁ ବିଜେପିରେ ମିଶିଲି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଛି । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ଉପସ୍ଥିତ ଥିଲେ । ତେବେ ମମତା ହଠାତ୍ ବିଜେଡି ଛାଡି ବିଜେପିରେ ଯୋଗଦେବା ନେଇ ରାଜନୀତି ଆରମ୍ଭ ହୋଇଯାଇଛି । ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ମମତା ଇସ୍ତଫା ଦେଇଛନ୍ତି । ସେ ଯାହା କହିଛନ୍ତି ନିନ୍ଦନୀୟ । ମୟୂରଭଞ୍ଜବାସୀ ଏହାର ଜବାବ ଦେବେ । ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗଠନ ହେବାକୁ ଥିବା ଉତ୍ତରଓଡ଼ିଶା ବିକାଶ ପରିଷଦର ତାଙ୍କୁ ଅଧ୍ୟକ୍ଷ କରାଯାଇପାରେ ।

୧୩ ମୃତ...

୩୦ରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି । କୁଲୁ ପାର୍ବତୀ ନଦୀ କୂଳରେ ଏକ କୋଠା ଭୁଶୁଡି ଯିବା ଜଣାପଡିଛି । ଏଥିରେ ୬ ଜଣ ଆହତ ହୋଇଛନ୍ତି । ସମେଟ୍ ଖୋଡାରେ ଥିବା ହାଇଡ୍ରୋ ପ୍ରୋଜେକ୍ଟ ଅଞ୍ଚଳରେ ବାଦଲ ଫାଟିବା ଯୋଗୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୬ ଜଣ ନିଖୋଜ ଅଛନ୍ତି । ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଯୋଗୁ ୯ ଜଣଙ୍କର ମୃତ୍ୟୁ ଘଟିଛି । କେଦାରନାଥରେ ହଠାତ୍ ବନ୍ୟା ଆସିବାରୁ ଭାୟବନ ଦେଖିବାକୁ ମିଳିଛି । କେଦାରନାଥକୁ ଯାଉଥିବା ମୁଖ୍ୟ ରାସ୍ତାର ୩୦କିମି ମନ୍ଦାକିନୀ ନଦୀର ପାଣିରେ ଧୋଇ ହୋଇଯାଇଛି । ହଠାତ୍ ବନ୍ୟା ଆସିବାରୁ ୨୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଫଶି ରହିଛନ୍ତି ।

ବର୍ଷା...

ହୋଇପାରେ । ତେବେ ୩ ତାରିଖରୁ ବର୍ଷାର ପରିମାଣ ହ୍ରାସ ପାଇବ ।

ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତାକାଲି(ଶୁକ୍ରବାର) ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା(୭ରୁ ୧୧ ସେଣ୍ଟିମିଟର) ହୋଇପାରେ । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ଶନିବାର ଠାରୁ ବର୍ଷା ପରିମାଣ ହ୍ରାସ ପାଇବ । ରାଜ୍ୟରେ ବିଶେଷ ଭାବେ ବର୍ଷା ନଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ରାଜ୍ୟରେ ଜୁନ୧ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ୫୦୭ ମିମି ବର୍ଷା ହୋଇଛି । ସ୍ୱାଭାବିକ ଭାବେ ୫୬୦.୬ ମିମି ବର୍ଷା ହେବା କଥା । ଏହି ଅବଧି ଭିତରେ ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା (୧୦୬୧.୧ ମିମି) ହୋଇଛି । ଅର୍ଥାତ ୭୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି । କୋରାପୁଟରେ ୭୭୫.୯ ମିମି. ନୂଆପଡ଼ଶରେ ୫୫୬.୧ ମିମି ଓ ବୌଦ୍ଧରେ ୬୦୦ ମିମି ବର୍ଷା ହୋଇଛି । ଏହି ତିନୋଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି । ଏହାସହ ୧୫ଟି ଜିଲ୍ଲାରେ ସ୍ୱାଭାବିକ ବଷା ହୋଇଥିବା ବେଳେ ୧୧ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ।

ହତ୍ୟାକାରୀ...

ଦେଇଥିବାରୁ ତା'ର ମୃତ୍ୟୁ ହୋଇଥିଲା । ୬ବର୍ଷର ବଡଝିଅ ବାପାର ଏହି ଜଘନ୍ୟ କାଣ୍ଡ ସମ୍ପର୍କରେ କୋର୍ଟରେ ସାକ୍ଷୀଦେବା ସହ ବହୁ ପଡୋଶୀ ସାକ୍ଷୀ ମଧ୍ୟ ଦେଇଛନ୍ତି । ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ ଓ ବ୍ୟବଚ୍ଛେଦ ରିପୋର୍ଟ ବିଚାର ପ୍ରକ୍ରିୟାରେ ସହଯୋଗ କରିଥିବା ଡିସିପି ପ୍ରତୀକ ସିଂ କହିଛନ୍ତି । ଦୁଇବର୍ଷ ମଧ୍ୟରେ ଅଭିଯୁକ୍ତ ସ୍ୱାମୀକୁ କୋର୍ଟ ଫାଶିଦଣ୍ଡ ଶୁଣାଇଥିବାରୁ ତାଙ୍କ ଶ୍ୱଶୁର ଘର ଓ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି । କାରଣ ସଞ୍ଜୀତର ଏହି ଜଘନ୍ୟ ଅପରାଧକୁ ନିଜ ଘର ଲୋକ ସହ ବନ୍ଧୁ ପରିଜନ ସମସ୍ତେ ନିନ୍ଦା କରିଥିଲେ ।

୫ ଲକ୍ଷ...

ତାଙ୍କ ଗାଡ଼ିକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରୁ ୪ ଲକ୍ଷ ୯୪ ହଜାର ଟଙ୍କା ମିଳିଥିଲା। ହେଲେ ଟଙ୍କାର ହିସାବ ଦେଇପାରିନଥିଲେ ଅକ୍ଷମିତା । ମିଳିଥିବା ସୂଚନା ଅନୁସାରେ ବିଡିଓ ଅକ୍ଷାମିତା କାର୍ତ୍ତିକଙ୍କୁ ଭିଜିଲାନ୍ସ ଟିମ୍ ଜେରା କରୁଛି।

ପୁଣି ଧାରଣାରେ ଟୋଲପ୍ଲାଜା କର୍ମଚାରୀ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ନାରାୟଣପୁର-ଭାଗଡ଼ା ଟୋଲଗେଟ କର୍ମଚାରୀମାନେ ଗତ ବୁଧବାର ରାତ୍ରରୁ ପୁନର୍ବାର ଧାରଣା ଦେଇଥିବା ଜଣାଯାଇଛି। ଗତ ୨୯ ତାରିଖ ସୋମବାର ପ୍ରତ୍ୟାହୃତ ହୋଇଥିବା ଧାରଣାର ପ୍ରତିଶ୍ରୁତିକୁ ଖିଲାପ କରାଯାଇଥିବାରୁ କର୍ମଚାରୀମାନେ ଧାରଣାକୁ ଫେରିଛନ୍ତି। ଟୋଲପ୍ଲାଜା ପରିଚାଳକ ବିମଳ ଶର୍ମା ଓ ୟୁନିଅନ ସଭାପତି ଜୟନ୍ତ କୁମାର ସାହୁଙ୍କ ମରେ ସୋମବାର ଆଲୋଚନା ହୋଇ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୭୦ ଜଣ କର୍ମଚାରୀ ଟୋଲ କାର୍ଯ୍ୟାଳୟ ସମ୍ମୁଖରେ ଗତ ୧୪ ଦିନ ଧରି ଧାରଣା ଦେଇ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ଆଧାରରେ ଟୋଲପ୍ଲାଜା କର୍ମଚାରୀଙ୍କୁ ମଜୁରୀ ପ୍ରଦାନ କରାଯିବା ପ୍ରତ୍ୟେକ କର୍ମଚାରୀଙ୍କୁ ଭବିଷ୍ୟନିଧି ଓ ଇ.ଏସ.ଆଇ. ସୁବିଧା ପ୍ରଦାନ କରାଯିବା କର୍ମଚାରୀଙ୍କ ଡ୍ରେସକୋଡ ପାଇଁ ସଂସ୍ଥାରୁ ଓ ଜୋତା ଭତ୍ତା ପ୍ରଦାନ କରାଯିବା ପ୍ରତ୍ୟେକ କର୍ମଚାରୀଙ୍କୁ ମଜୁରୀ ସ୍ଲିପ ପ୍ରଦାନ କରାଯିବା ଓ କର୍ମଚାରୀଙ୍କୁ କ୍ୟାଣ୍ଟିନ ସୁବିଧା ଯୋଗାଇ ଦିଆଯିବା ପାଇଁ ଦାବି କରିଥିଲେ। ଏ ଗୁଡିକ ଅବିଳମ୍ବେ ପୂରଣ ପାଇଁ ପ୍ରତିଶ୍ରୁତି ମିଳିଥିଲା। ହେଲେ ପରିଚାଳକ ଶ୍ରୀ ଶର୍ମା ନିଜର ଅନୁଗତ କର୍ମଚାରୀମାନଙ୍କୁ ସହାୟତାରେ ଧାରଣାରେ ଯୋଗଦେଇଥିବା କର୍ମଚାରୀଙ୍କ ଉପରେ ପ୍ରତିଶୋଧମୂଳକ ଆଭିମୁଖ୍ୟ ପୋଷଣ କରିବାରୁ ଧାରଣା ହୋଇଛି। ଟୋଲ ଧାରଣା।

ମହିଳା ସରପଞ୍ଚଙ୍କୁ ଅଶାଳୀନ ବ୍ୟବହାର ଓ ପଞ୍ଚାୟତ ଦସ୍ତାବେଜ୍ ଲୁଟ

ନୀଳଗିରି (ସବ୍ୟୁ) : ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ ନିର୍ବାଚିତ ମହିଳା ସରପଞ୍ଚଙ୍କୁ ଦୁଇଜଣ ଅସାମାଜିକ ଲୋକ ଅଭଦ୍ରୋଚିତ ବ୍ୟବହାର କରିବା, ଜୀବନରୁ ମାରିଦେବାର ଧମକ ଦେବା,ସହିତ ପଞ୍ଚାୟତ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବଳପୂର୍ବକ ନେଇଯାଇଥିବା ଘଟଣାରେ ନୀଳଗିରି ବ୍ଲକ୍ ନରସିଂହପୁର ପଞ୍ଚାୟତର ସରପଞ୍ଚ ଅନ୍ନପୂର୍ଣ୍ଣା ସିଂ ଅଯୋଧ୍ୟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଗତ ବୁଧବାର ୩୧ତାରିଖ ନରସିଂହପୁର ପଞ୍ଚାୟତ ପକ୍ଷରୁ ବିଭିନ୍ନ ପଞ୍ଚାୟତ ପୋଖରୀ ନିଲାମ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ ମଧ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଦିନ ପ୍ରାୟ ୧ଟା ସମୟରେ ନିଲାମ ପ୍ରକ୍ରିୟା ଚାଲିଥିବା ବେଳେ ଉକ୍ତ ଗ୍ରାମର କୃଷ୍ଣଗୋପାଳ ପଣ୍ଡା ଏବଂ ଚିତ୍ତରଞ୍ଜନ ସିଂ ବେଆଇନ୍ ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚ ଅନ୍ନପୂର୍ଣ୍ଣା ସିଂଙ୍କୁ ନାନାଦି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ବସିଥିବା ଚେୟାରରୁ ଟାଓ୍ୱେଲ ଟାଣି ନେଇଥିଲେ।ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ବେଳେ ଚିତ୍ତରଞ୍ଜନ ଉକ୍ତ ପଞ୍ଚାୟତର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଏବଂ ନିଲାମ କାଗଜପତ୍ର ଜବରଦସ୍ତ ନେଇଯାଇଥିବା ନେଇ ଆଜି ଅଯୋଧ୍ୟା ଫାଣ୍ଡିରେ ସରପଞ୍ଚ ଶ୍ରୀମତୀ ସିଂ ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତର ସହ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

AFFIDAVIT

By Virtue of an Affidavit before the Notary Public Bhubaneswar. On dtd. 01.08.2024 . I Rupali Dalei, Aged about (22), D/o- Raghunath Dalei, At- Khannagar, Ps- Khannagar, Dist- Baleswar. That my actual and correct name is Rupali Dalei, But it has been worngly recorded as Rupali Dalai in my aadhar card bearing No. 544660605618. I do here by declare that my name is Rupali Dalei and Rupali Dalai is one and same person. Hence forth i shall be known as Rupali Dalei for all Purposes.

CAD-710

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା : ୧୫୦ **ବିଜ୍ଞାପନ** ତା : ୨୬.୦୭.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ- ଏଲ.ଆଇ.ଜି- ୩୬/୫ (LIG- 36/5) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ହାଉସିଂ ପ୍ରକଳ୍ପ ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସୁବାସିନୀ ସ୍ୱାଇଁ, ସ୍ୱାମୀ- ଗୋପୀନାଥ ସ୍ୱାଇଁ, ସା- ଗୋପାଳପୁର, ପୋ- ପାଟପୁର, ଥାନା- ବାଙ୍କୀ, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସୁବାସିନୀ ସ୍ୱାଇଁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ମୋନାଲିସା ମହାନ୍ତି, ସ୍ୱାମୀ- ଦିଲ୍ଲୀପ କୁମାର ଭଞ୍ଜ, ସା- ଖଡ଼ିକେରା, ପୋ- ବୀରପୁରୁଷୋତ୍ତମପୁର, ଥାନା- ଡେଲାଙ୍ଗ, ଜିଲ୍ଲା- ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR: 13030/11/0208/2425

ଟିପିଏନଓଡିଏଲର ନୂଆ କୌଶଳ ବିକାଶ କେନ୍ଦ୍ର ଲୋକାର୍ପିତ

ବାଲେଶ୍ୱର,(ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ବାଲିଆ ସ୍ଥିତ ଏମଆଇସେନଏକ୍ସ ନିକଟରେ ନୂତନ କୌଶଳ ବିକାଶ କେନ୍ଦ୍ରର ଲୋକାର୍ପଣ କରାଯାଇଛି। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଶ୍ରୀ ଦ୍ୱିଜଦାସ ବସକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଟା ପାୱାର ସୁରକ୍ଷା ବିଭାଗ ମୁଖ୍ୟ ସୁରେଶ ଖେତୱାନୀ, ଟିପିଏନଓଡିଏଲ ଅପରେସନ ମୁଖ୍ୟ ନୀଲେଶ ପୋଟଫଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଜେନେରାଲ ମ୍ୟାନେଜର(ସୁରକ୍ଷା) ସୁରେଶ ଚନ୍ଦ୍ର ସାହୁ, କୌଶଳ ବିକାଶ ବିଭାଗ ମୁଖ୍ୟ ସତୀଶ ମହାଜନ, ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କୌଶଳ ବିକାଶ କେନ୍ଦ୍ର ଟିପିଏନଓଡିଏଲର କର୍ମଚାରୀଙ୍କ ଦକ୍ଷତା ବିକାଶ କରିବା ସହିତ ବିଏ କର୍ମଚାରୀ ଓ ଡିପ୍ଲୋମା ତଥା ଆଇଟିଆଇ ଛାତ୍ରଛାତ୍ରୀଙ୍କ କୌଶଳ ଏବଂ ବ୍ୟବହାରିକ(ପ୍ରାକ୍ଟିକାଲ) ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ। ବିଶେଷତଃ ଟିପିଏନଓଡିଏଲର ନବାଗତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହି କେନ୍ଦ୍ରର ପ୍ରତିଷ୍ଠା କରାଯାଇଛି। ମିଳିଥିବା ସୂଚନା ମୁତାବକ ଟିପିଏନଓଡିଏଲ ବିଦ୍ୟୁତ ବିତରଣ କ୍ଷେତ୍ରରେ ଆଉ ୪ଟି କୌଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବ। ଚଳିତ ବର୍ଷ ଶେଷ ସୁଦ୍ଧା ମୟୂରଭଞ୍ଜରେ ବେତନଟୀ, କେନ୍ଦୁଝରରେ ଯୋଡ଼ା, ଭଦ୍ରକରେ ରାହାଞ୍ଚ ଓ ଯାଜପୁରର ପାଣିକୋଇଲିରେ ନୂଆ କୌଶଳ ବିକାଶ କେନ୍ଦ୍ର ଲୋକାର୍ପଣ କରାଯିବ। ତେବେ ଟିପିଏନଓଡିଏଲର ଏହି ଅଭିନବ ପଦକ୍ଷେପ ନିଜର କର୍ମଚାରୀଙ୍କ କୌଶଳ ବୃଦ୍ଧି କରିବା ସହ ସ୍ଥାନୀୟ ଆଇଟିଆଇ ଓ ଡିପ୍ଲୋମା ଅଧ୍ୟୟନରତ ପିଲାଙ୍କ ଦକ୍ଷତା ବଢ଼ାଇବା ସହ ସେମାନଙ୍କୁ ଅଧିକ କୁଶଳୀ କରିବାରେ ସହାୟକ ହେବ ବୋଲି ସିଇଓ ଶ୍ରୀ ବସକ କହିଛନ୍ତି।

CUTTACK MUNICIPAL CORPORATION

EXPRESSION INTEREST (EOI)

C-312 NO.10765 Dt.30.07.2024

Expression of Interest (EOI) invited from interest Bidder/Agency/ Firms/ for Annual rate contract for supply of Biological Inoculants & providing of allied services for stabilization of mixed municipal solid waste under Cuttack Municipal Corporation.

Proposals complete in all respect should reach the undersigned through Speed post/Registered post (India post) latest by 17.08.2024 up to 5 P.M. Bids received after the above deadline shall be summarily rejected. The authority reserves the right to reject any or all the proposals without assigning any reason thereof.

The details of the Expression of Interest (EOI) may please be seen in the official website, www.cmccuttack.odisha.gov.in The last date of submission of EOI documents is up to 5 p.m Dt. 17.08.2024.

Sd/-Commissioner
Cuttack Municipal
Corporation

OIPR : 13031/11/0024/2425

OFFICE OF THE MEDICAL SUPERINTENDENT - CUM - BLOCK PUBLIC HEALTH OFFICER, CHC BALUGAON, KHORDHA

E-170

Tender Call Notice

Adv No.1495 Date. 01.08.2024

Sealed tenders are invited from any private individuals/ Local registered Travel Agency only having valid GSTIN/PAN for providing of vehicles on monthly hiring basis under the undersigned of office Superintendent, CHC Balugaon, Khordha on annual rate contract basis.

The sealed tenders should reach at O/O Superintendent, CHC Balugaon, Khordha any working day by 21/08/2024 till 05.00 P.M along with all required documents by Speed post/Reg post/Courier only by super scribing on the top of the envelop "Tender for hiring of Vehicles". The tender will be opened on 22/08/2024 at 10.30 AM in the office of the undersigned in presence of the bidders/ authorized representative of the Bidders Details regarding items and terms and condition may be download from www.khordha.nic.in. The undersigned reserves the right to accept or reject any or all the quotations without assigning any reason thereof.

Place: Balugaon
Date:- 01/08/2024

Sd/- Superintendent Cum- BPHO
CHC Balugaon, Khordha

OIPR : 10147/11/0001/2425

V-21

ଓଡିଶା ସରକାର
ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ

****

ଅଧିସୂଚନା

No RDM-LAC-KNJ- 0005-2024/ 23522 / R&DM, Dated : 19.07.2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା – **ବଡ଼ପଣି ଓରଫ ଜନାର୍ଦ୍ଦନପୁର**, ଥାନା– ବାରିଆ ନଂ. ୨୪, ତହସିଲ– ଝୁମ୍ପୁରା, ଜିଲ୍ଲା– କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୦.୩୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, କାନୁପୁର କେନାଲ ଡିଭିଜନ ନଂ-୨, ରିମୁଳି, କେନ୍ଦୁଝର ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ କାନୁପୁର ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୬. ଜମିର ବିବରଣୀ–

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ	ପ୍ଲଟ ନଂ	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
କେନ୍ଦୁଝର	ଝୁମ୍ପୁରା	ବଡ଼ପଣି ଓରଫ ଜନାର୍ଦ୍ଦନପୁର	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୧.୧୩	ଏ. ୦.୩୯	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାନୁପୁର ଜଳସେଚନ ପ୍ରକଳ୍ପ, ରିମୁଳି କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **କେନ୍ଦୁଝର** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ଦିଗନ୍ତ ରାଉତରାୟ), ଅତିରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ

ମୌଜା- ବଡ଼ପଣି ଓରଫ ଜନାର୍ଦ୍ଦନପୁର (ଗ୍ରାମାଞ୍ଚଳ), ଥାନା - ବାରିଆ, ନଂ-୨୪, ତହସିଲ- ଝୁମ୍ପୁରା, ଜିଲ୍ଲା- କେନ୍ଦୁଝରର କାନୁପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍‌ମାଇନର କେନାଲ ନିର୍ମାଣ ନିମନ୍ତେ

ଖାତା ନଂ ଓ ସତ୍ୱ	ସତ୍ୱ	ପ୍ଲଟ ନଂ ରକବା	କିସମ	ପ୍ଲଟର ମୋଟ ରକବା (ଏକରରେ)	ଅଧିସୂଚିତ ଜମିର ରକବା (ଏକରରେ)	ରୟତର ନାମ
୬୨	ରୟତି	୨୩୭୩	ଶାରଦ ଦୁଇ	୦.୫୮	୦.୦୩	ଦୁର୍ଯ୍ୟୋଧନ ନାୟକ, ପି.କୃଷ୍ଣ ନାୟକ, କଞ୍ଚନ ନାୟକ, ସ୍ୱା- କୃଷ୍ଣ ନାୟକ, ଅପୂର୍ବ ନାୟକ, ଦ୍ରୌପଦୀ ନାୟକ, ହାରାମଣ ନାୟକ, ପି. ଶ୍ରୀଧର ନାୟକ, ବାସଙ୍ଗ ନାୟକ, ସ୍ୱା- ଶ୍ରୀଧର ନାୟକ, ସମରା ନାୟକ, ପି. ସହଦେବ ନାୟକ, ଜା: ବାଥୁଡ଼ି, ବା: ନିଜଗାଁ
୬୪	ରୟତି	୨୫୦୫	ଶାରଦ ଏକ	୦.୩୯	୦.୨୦	ଦଇତାରୀ ନାୟକ, ପି.ରସିକ ନାୟକ, ଜା: ବାଥୁଡ଼ି, ବା: ନିଜଗାଁ
୧୫୧/୨୦	ରୟତି	୧୮୪୮/୨୯୩୦	ଶାରଦ ଏକ	୦.୧୬	୦.୧୬	ଅର୍ଜୁନ ମୁଣ୍ଡା, ପି. ଭୂୟାଁ ମୁଣ୍ଡା, ଜା: କୋହ୍ଲ, ବା: ବୀରକୁଆଁ
		ମୋଟ ରୟତି ଜମି		୦.୩୯		

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
କାନୁପୁର ଜଳସେଚନ ପ୍ରକଳ୍ପ
ରିମୁଳି, କେନ୍ଦୁଝର

OIPR: 24001/14/0089/2425

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।